# NATIONAL NEWS BULLETIN (ODIA)
## 15th October - 2025
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଆନ୍ଧ୍ରପ୍ରଦେଶରେ ୧୩ ହଜାର ୪୩୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଆସନ୍ତାକାଲି ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ ।

- ତିନିଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିଲେ ବ୍ରାଜିଲ୍‌ର ଉପରାଷ୍ଟ୍ରପତି ।

- ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ବନ୍ଦର କ୍ଷେତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; କହିଲେ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ।

- ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ବୈଜ୍ଞାନିକ ଭାରତରତ୍ନ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କର ଆଜି ଜନ୍ମବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି କୃତଜ୍ଞ ରାଷ୍ଟ୍ର ।

ଏବଂ

- ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ଆଜି ୧୦ ମହିଳାଙ୍କ ସମେତ ୨୭ ଜଣ ମାଓବାଦୀଙ୍କର ପୁଲିସ୍ ନିକଟରେ ଆତ୍ମସମର୍ପଣ ।

# ପି.ଏମ୍. - ଆନ୍ଧ୍ରପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ନନ୍ଦ୍ୟାଲ୍ ଜିଲ୍ଲାର ଶ୍ରୀଶୈଳମ ସ୍ଥିତ ଶ୍ରୀ ଭ୍ରମରାମ୍ବ ମଲ୍ଲିକାର୍ଜୁନ ସ୍ୱାମୀ ଭାରଲା ଦେବସ୍ଥାନରେ ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି । ସେଠାରେ ଶ୍ରୀ ଶିବାଜୀ ସ୍ଫୁର୍ତ୍ତି କେନ୍ଦ୍ର ମଧ୍ୟ ଶ୍ରୀ ମୋଦୀ ପରିଦର୍ଶନ କରିବେ । ଅପରାହ୍ଣରେ ପ୍ରଧାନମନ୍ତ୍ରୀ କୁର୍ଣ୍ଣୁଲ୍‌ଠାରେ ପ୍ରାୟ ୧୩ ହଜାର ୪୩୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ବିଦ୍ୟୁତ୍ ପରିବହନ, ସଡ଼କ ଓ ରେଳ ଯୋଗାଯୋଗ, ପ୍ରତିରକ୍ଷା ଉତ୍ପାଦନ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ସମେତ ବିଭିନ୍ନ ଶିଳ୍ପ କ୍ଷେତ୍ର ଅନ୍ତର୍ଭୁକ୍ତ । ଆନ୍ଧ୍ରପ୍ରଦେଶରେ ସାମାଜିକ ଆର୍ଥିକ ଅଭିବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ଏକ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

# ବ୍ରାଜିଲ୍ ଭାଇସ୍ ପ୍ରେଜ୍

ବ୍ରାଜିଲ୍ର ଉପରାଷ୍ଟ୍ରପତି ଗେରାଲ୍ଡୋ ଆଲ୍କମିନ୍ ତିନିଦିନିଆ ଭାରତ ଗସ୍ତରେ ଆସି ଆଜି ଅପରାହ୍ଣରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବ୍ରାଜିଲ୍ର ବିକାଶ, ଶିଳ୍ପ, ବାଣିଜ୍ୟ ଓ ସେବା ଦାୟିତ୍ୱରେ ଥିବା ଶ୍ରୀ ଆଲ୍କମିନ୍ ଆସନ୍ତାକାଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁସ ଗୋୟଲ୍ଙ୍କ ସହ ବାଣିଜ୍ୟ ମନ୍ତ୍ରୀସ୍ତରୀୟ ସମୀକ୍ଷା ବୈଠକର ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣ କରିବେ ।

ଏହି ଗସ୍ତ ଅବସରରେ ଶ୍ରୀ ଆଲ୍କମିନ୍' ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ୍ ସିଂହ ପୁରିଙ୍କ ସହିତ ଅପୋଷ ସ୍ୱାର୍ଥଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ପୃଥକ୍ ପୃଥକ୍ ଦ୍ୱିପକ୍ଷୀୟ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଦକ୍ଷିଣ ଆମେରିକାରେ ବ୍ରାଜିଲ୍ ହେଉଛି ଭାରତର ସର୍ବବୃହତ୍ ବାଣିଜ୍ୟିକ ଭାଗିଦାରୀ ରାଷ୍ଟ୍ର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନିକଟ ଅତୀତରେ ବ୍ରାଜିଲ୍ ଗସ୍ତ ସମୟରେ ଆସନ୍ତା ୫ ବର୍ଷ ମଧ୍ୟରେ ଦୁଇଦେଶ ମଧ୍ୟରେ ୨୦ ବିଲିୟନ୍ ଆମେରିକୀୟ ଡଲାର୍ର ଦ୍ୱିପକ୍ଷୀୟ ବାଣିଜ୍ୟ କାରବାର ଲକ୍ଷ୍ୟ ତଥା ବାଣିଜ୍ୟ ଓ ପୁଞ୍ଜିନିବେଶକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ମନ୍ତ୍ରିସ୍ତରୀୟ ସମୀକ୍ଷା ବ୍ୟବସ୍ଥା ପ୍ରତିଷ୍ଠା କରିବା ଲାଗି

ଉଭୟ ଦେଶର ନେତୃବୃନ୍ଦ ସମ୍ମତି ପ୍ରଦାନ କରିଥିଲେ । ଶ୍ରୀ ଆଲ୍କମିନ୍‌ଙ୍କ ଏହି ଗସ୍ତ ଭାରତ ଓ ବ୍ରାଜିଲ୍ ମଧ୍ୟରେ ଥିବା ବହୁବିଧ ରଣନୀତିକ ଭାଗିଦାରୀକୁ ସଶକ୍ତ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଅଧିକ ବାଣିଜ୍ୟ କାରବାର ଓ ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ ।

## ବିହାର ପି.ଏମ୍. ନମୋ ଆପ୍

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆଜି ନମୋ ଆପ୍ ଜରିଆରେ ଦଳୀୟ ବୁଥ୍‌ସ୍ତରୀୟ କର୍ମୀଙ୍କ ସହ କଥାବାର୍ତ୍ତା କରିଛନ୍ତି । 'ମେରା ବୁଥ୍ ସବ୍‌ସେ ମଜବୁତ୍' କାର୍ଯ୍ୟକ୍ରମ ଜରିଆରେ ଆଲୋଚନା ସମୟରେ ଏନ୍.ଡି.ଏ.କୁ ଏହି ନିର୍ବାଚନରେ ଜିତାଇବା ଲାଗି ମିଳିତ ଭାବେ ପ୍ରୟାସ କରିବା ଲାଗି ଶ୍ରୀ ମୋଦି ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଏହି ନିର୍ବାଚନରେ ଜନତାଦଳ (ସଂଯୁକ୍ତ), ଲୋକ ଜନଶକ୍ତି ପାର୍ଟି - ରାମବିଲାସ, ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ଓ ହିନ୍ଦୁସ୍ଥାନୀ ଆୱାମ୍ ମୋର୍ଚ୍ଚା ବି.ଜେ.ପି. ସହିତ ମେଣ୍ଟ କରିଛନ୍ତି । ଏହିସବୁ ଦଳର ପ୍ରାର୍ଥୀମାନଙ୍କର ବିଜୟ ଲାଗି କଠୋର ପରିଶ୍ରମ କରିବାକୁ ସେ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ତଥା ଦେଶରେ ଏନ୍.ଡି.ଏ. ସରକାରଙ୍କଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ

ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉପରେ ମଧ୍ୟ ଶ୍ରୀ ମୋଦି ଗୁରୁତ୍ୱାରୋପ କରିଛନ୍ତି ।

## ବି.ଜେ.ପି. ଲିଷ୍ଟ - ବିହାର

ବିହାର ବିଧାନସଭା ନିର୍ବାଚନ ଲାଗି ଉପମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା ଆଜି ଲକ୍ଷ୍ମୀସରାଇ ନିର୍ବାଚନମଣ୍ଡଳିରୁ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ସମୟରେ ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ବି.ଜେ.ପି. ପକ୍ଷରୁ ରାଜ୍ୟ ବିଧାନସଭା ନିର୍ବାଚନ ଲାଗି ଆଉ ୧୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ସେମାନଙ୍କ ମଧ୍ୟରେ ଲୋକପ୍ରିୟ ଗାୟିକା ମୈଥିଳୀ ଠାକୁରଙ୍କୁ ଆଲିନଗରରୁ ଟିକେଟ୍ ମିଳିଥିବାବେଳେ ପୂର୍ବତନ ଆଇ.ପି.ଏସ୍. ଅଧିକାରୀ ଆନନ୍ଦ ମିଶ୍ରା ବକ୍ସାର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଡକ୍ଟର ସିୟାରାମ ସିଂହଙ୍କୁ ଦଳ ବାଢ଼୍ ଆସନ ଲାଗି ପ୍ରାର୍ଥୀ କରିଥିବାବେଳେ ଆଗିଆଁଓ ନିର୍ବାଚନ ମଣ୍ଡଳୀରୁ ମହେଶ ପାଶ୍ୱାନ୍ ଲଢ଼ିବେ ବୋଲି ବି.ଜେ.ପି. ପକ୍ଷରୁ ସୂଚନା ଦିଆଯାଇଛି । ଏଥିସହିତ ବି.ଜେ.ପି. ଏହି ନିର୍ବାଚନ ଲାଗି ୮୩ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି ।

# ସୋନୋୱାଲ୍ - ମାରିଟାଇମ୍ ପୋଟର୍ସ

୨୦୪୭ ସୁଦ୍ଧା ଦେଶକୁ ବିକଶିତ ଭାରତରେ ପରିଣତ କରିବା ଦିଗରେ ବନ୍ଦର କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବନନ୍ଦ ସୋନୋୱାଲ୍ କହିଛନ୍ତି । ଆଜି ନୂଆଦିଲ୍ଲୀରେ ନୂତନ ମାଙ୍ଗାଲୋର ବନ୍ଦରର ସୁବର୍ଣ୍ଣ ଜୟନ୍ତୀ ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ୨୦୪୭ ସୁଦ୍ଧା ଭାରତକୁ ୩୦ ଟ୍ରିଲିୟନ୍ ଡଲାର ଅର୍ଥ ବ୍ୟବସ୍ଥାରେ ପରିଣତ କରିବାର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଦେଶର ବନ୍ଦରଗୁଡ଼ିକର ଉଲ୍ଲେଖନୀୟ ଭୂମିକା ଉପରେ ଶ୍ରୀ ସୋନୋୱାଲ୍ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ନୂତନ ମାଙ୍ଗାଲୋର ବନ୍ଦର ଦେଶର ଶ୍ରେଷ୍ଠ କାର୍ଯ୍ୟକାରୀ ବନ୍ଦରଗୁଡ଼ିକ ମଧ୍ୟରେ ଅନ୍ୟତମ । ଗତ ଆର୍ଥିକ ବର୍ଷରେ ଏହି ବନ୍ଦରରେ ୪୬ ମିଲିୟନ୍ ଟନ୍‌ରୁ ଊର୍ଦ୍ଧ୍ୱ ପଣ୍ୟ କାରବାର କରାଯାଇଛି । ସମ୍ପୂର୍ଣ୍ଣରୂପେ ସୌରଶକ୍ତିରେ ପରିଚାଳିତ ଏହି ବନ୍ଦରର ନିରବଚ୍ଛିନ୍ନ ସେବା ଯୋଗାଣ କ୍ଷେତ୍ରରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ସୋନୋୱାଲ୍ କହିଛନ୍ତି ।

# ପ୍ରେଜ, ଭି.ପି., ପି.ଏମ୍. - କଲାମ ବାର୍ଥ

ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ବୈଜ୍ଞାନିକ ଭାରତରତ୍ନ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କର ଆଜି ଜନ୍ମବାର୍ଷିକୀ ଅବସରରେ କୃତଜ୍ଞ ରାଷ୍ଟ୍ର ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ସ୍ମୃତିଚାରଣ କରିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ' ରାଷ୍ଟ୍ରପତି ଭବନରେ ଡକ୍ଟର କଲାମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ' ଡକ୍ଟର କଲାମଙ୍କୁ ଜଣେ ଦୂରଦୃଷ୍ଟି ସଂପନ୍ନ ବୈଜ୍ଞାନିକ, ପ୍ରେରଣାଦାୟକ ନେତା ଏବଂ ପ୍ରକୃତ ଦେଶାପ୍ରମୀ ବୋଲି ବର୍ଣ୍ଣନା କରିଛନ୍ତି । ପ୍ରତିରକ୍ଷା, ବିଜ୍ଞାନ ଏବଂ ଯୁବ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ନିରନ୍ତର ପ୍ରୟାସ ଭାରତର ସ୍ୱାବଲମ୍ବନଶୀଳତା ପଥକୁ ଅଧିକ ମଜବୁତ କରିଥିଲା ବୋଲି ଉପରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ଡକ୍ଟର କଲାମ ଯୁବ ମାନସକୁ ପ୍ରଜ୍ୱଳିତ କରିଥିଲେ ଏବଂ ଦେଶକୁ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇଥିଲେ । ତାଙ୍କ ଜୀବନାଦର୍ଶନ ଲୋକଙ୍କୁ ସଫଳତା ପାଇଁ ନମ୍ରତା ଓ କଠିନ ପରିଶ୍ରମ ସ୍ମରଣ କରାଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM on Kalam) : ............***

## ପି.ଏମ୍. - ରାଇଲା ଓଡିଙ୍ଗା

କେନିଆର ପୂର୍ବତନ ପ୍ରଧାନମନ୍ତ୍ରୀ ରାଇଲା ଓଡିଙ୍ଗାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ସ୍ୱର୍ଗତ ରାଇଲା ଜଣେ ବିଜ୍ଞ କୂଟନୀତିଜ୍ଞ ଏବଂ ଭାରତର ଉତ୍ତମ ବନ୍ଧୁ ଥିଲେ । ଭାରତ-କେନିଆ ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ତାଙ୍କର ପ୍ରଚେଷ୍ଟା ଅତୁଳନୀୟ ଥିଲା । ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ଦିନଠାରୁ ରାଇଲା ଓଡିଙ୍ଗାଙ୍କ ସହିତ ସେ ଅନେକ ଘନିଷ୍ଠ ଯୋଗାଯୋଗରେ ଥିଲେ ଏବଂ ତାଙ୍କୁ ଖୁବ୍ ନିକଟରୁ ଜାଣିବାର ସୁଯୋଗ ପାଇଥିଲେ ।  ଭାରତବାସୀ ବିଶେଷକରି ଆମର ସଂସ୍କୃତି, ମୂଲ୍ୟବୋଧ ଏବଂ ଆୟୁର୍ବେଦ ଓ ପାରମ୍ପରିକ ଚିକିତ୍ସା ବ୍ୟବସ୍ଥା ସମେତ ପୁରାତନ ଜ୍ଞାନ ପ୍ରତି ରାଇଲାଙ୍କର ଏକ ସ୍ୱତନ୍ତ୍ର ଶ୍ରଦ୍ଧା ଥିଲା ବୋଲି ଶ୍ରୀ ମୋଦି କହିଛନ୍ତି ।

## ଶ୍ରୀଲଙ୍କା ପି.ଏମ୍. - ଇଣ୍ଡିଆ

ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଡକ୍ଟର ହରିଣୀ ଆମରାସୁରୀୟା ଆସନ୍ତାକାଲିଠାରୁ ୩ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ

କରିବା ପରେ ଡକ୍ଟର ଆମରାସୁରୀୟାଙ୍କର ଏହା ପ୍ରଥମ ଭାରତ ଗସ୍ତ । ଏହି ଗସ୍ତ ଅବସରରେ ସେ ବିଭିନ୍ନ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନେଇ ଭାରତର ନେତୃବୃନ୍ଦଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସଂପର୍କରେ ସୂଚନା ଦେଇ କହିଛି, ଡକ୍ଟର ଆମରାସୁରୀୟା  ଦିଲ୍ଲୀରେ ଏନ୍.ଡି.ଟି.ଭି. ବିଶ୍ୱ ସମ୍ମିଳନୀ ଓ ଚିନ୍ତନ ଗବେଷଣା ଫାଉଣ୍ଡେସନ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ । ଶ୍ରୀଲଙ୍କାର ଶିକ୍ଷାବିଭାଗ ଦାୟିତ୍ୱରେ ଥିବା ଡକ୍ଟର ଆମରାସୁରୀୟା  ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ନୂତନ ମାର୍ଗ  ଉନ୍ମୋଚନ ଲକ୍ଷ୍ୟ ନେଇ ଆଇ.ଆଇ.ଟି. ଦିଲ୍ଲୀ ଏବଂ ନୀତି ଆୟୋଗ କାର୍ଯ୍ୟାଳୟ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଦ୍ୱିପାକ୍ଷିକ ବାଣିଜ୍ୟ ସଂପର୍କକୁ ମଜବୁତ କରିବା ପାଇଁ ଡକ୍ଟର ଆମରାସୁରୀୟା ଉଦ୍ୟୋଗୀ ଗୋଷ୍ଠୀଙ୍କ ଏକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ମନ୍ତ୍ରଣାଳୟ କହିଛି । ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଭାରତ ମହାସାଗର ଦୃଷ୍ଟିକୋଣ ଏବଂ ପଡ଼ୋଶୀ ପ୍ରଥମ ନୀତିକୁ ଅଧିକ ମଜବୁତ କରିବ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।

## ଛତିଶଗଡ଼ – ମାଓଇଷ୍ଟ

ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ଆଜି ୧୦ ମହିଳାଙ୍କ ସମେତ ୨୭ ଜଣ ମାଓବାଦୀ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରୁ

୧୬ ଜଣଙ୍କ ଲାଗି ମୋଟ୍ ୫୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଆତ୍ମସମର୍ପଣ କରିଥିବା ପ୍ରତ୍ୟେକ ମାଓବାଦୀଙ୍କୁ ଛତିଶଗଡ଼ ସରକାରଙ୍କ ପୁନଃ ଥଇଥାନ ନୀତି ଅନୁଯାୟୀ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବା ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ।

## ନକ୍ସଲ୍ - ଏମ୍.ଏଚ୍.ଏ.

ଦେଶରେ ବହୁଳମାତ୍ରାରେ ମାଓ ପ୍ରଭାବିତ ଜିଲ୍ଲା ସଂଖ୍ୟା ୬ରୁ ୩କୁ ହ୍ରାସ ପାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଛତିଶଗଡ଼ର ବିଜାପୁର, ସୁକ୍‌ମା ଓ ନାରାୟଣପୁର ବର୍ତ୍ତମାନ ସବୁଠାରୁ ବେଶି ବାମପନ୍ଥୀ ଉଗ୍ରବାଦୀ ପ୍ରଭାବିତ ଜିଲ୍ଲା । ଆସନ୍ତାବର୍ଷ ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ଏକ ନକ୍ସଲ୍‌ମୁକ୍ତ ଭାରତ ଗଠନ ଦିଗରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ପ୍ରତିବଦ୍ଧତା ସ୍ୱରୂପ ମାଓବାଦୀ ଦମନ ଅପରେସନ୍‌କୁ ଦେଶବ୍ୟାପୀ ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି । ଏହି ଅପରେସନ୍ ସମୟରେ ପ୍ରାୟ ୩୧୨ ମାଓବାଦୀ ନିହତ ହୋଇଥିବାବେଳେ ୮ ଶହରୁ ଊର୍ଦ୍ଧ୍ୱଙ୍କୁ ଗିରଫ କରାଯାଇଛି । ଏତଦ୍‌ବ୍ୟତୀତ

୧ ହଜାର ୬ ଶହରୁ ଊର୍ଦ୍ଧ୍ୱ ମାଓବାଦୀ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବା ଉଦ୍ଦେଶ୍ୟରେ ଆତ୍ମସମର୍ପଣ କରିଛନ୍ତି ।

*****